## ସଂକ୍ଷେପରେ

### ଅଫ୍‌ଲାଇନ୍ ଟିକଟ ବିକ୍ରି ଦାବି

### ୧୬ରୁ ଚାଲିବ ପୁରୀ-ଗୁଣପୁର ଟ୍ରେନ୍

ଗୁଣପୁର, ୮।୮(ଡି.ଏନ୍.ଏ.)- କରୋନାର ଦ୍ୱିତୀୟ ଲହର ପରେ ଗୁଣପୁର-ପୁରୀ ଏବଂ ପୁରୀ-ଗୁଣପୁର ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ହେଲେ ପୂର୍ବତଟ ରେଳପଥ ପୁଣି ଅଗଷ୍ଟ ୧୬ରୁ ଏହି ଦୁଇ ଯୋଡ଼ା ଟ୍ରେନ୍ ଚଳାଚଳ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶନିବାର ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଟ୍ରେନ ପୁଣି ଥରେ ଚଳାଚଳ କରିବା ପାଇଁ ପଦକ୍ଷେପ ନିଆଯାଇଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ଅନ୍‌ଲାଇନ୍ ଟିକଟ ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଅନ୍‌ଲାଇନ୍ ଟିକଟ ବୁକିଂ ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଅଫ୍‌ଲାଇନ୍‌ରେ ଟିକଟ ବିକ୍ରି ବ୍ୟବସ୍ଥା କରାଯିବାକୁ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ଆବାହକ ସତ୍ୟ ପ୍ରକାଶ ପଣ୍ଡା ପୂର୍ବତଟ ରେଳପଥର ଜିଏମ୍‌ଙ୍କ ନିକଟକୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୧୬ ତାରିଖରେ ଏହି ଟ୍ରେନ୍ ପୁରୀରୁ ଦିନ ୧୨ଟାରେ ବାହାରି ଅପରାହ୍ନ ୪ଟାରେ ବ୍ରହ୍ମପୁର ଏବଂ ରାତି ୮.୫୦ରେ ଗୁଣପୁରରେ ପହଞ୍ଚିବ। ସେହିପରି ଗୁଣପୁରରୁ ଏହି ଟ୍ରେନ୍ ଭୋର୍ ୫ଟାରୁ ବାହାରି ୯.୩୫ରେ ବ୍ରହ୍ମପୁର ଏବଂ ଅପରାହ୍ନ ୨.୫୦ରେ ପୁରୀରେ ପହଞ୍ଚିବ।

### ପୃଥକ ସ୍ଥାନରୁ ୨ ମୃତଦେହ ଜବତ

ରାୟଗଡ଼ା ଅଫିସ,୮।୮- ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ପୃଥକ ସ୍ଥାନରୁ ରବିବାର ୨ ଜଣଙ୍କ ମୃତଦେହ ଜବତ ହୋଇଛି। ସିଲଟିଗୁଡା ଜଳଭଣ୍ଡାରରୁ ଜଣେ ଏବଂ ସିଙ୍ଗାପୁର ରୋଡ୍ ରେଳ ଷ୍ଟେଶନ ନିକଟରୁ ଜଣଙ୍କ ମୃତଦେହ ଜବତ କରାଯାଇଛି। ସକାଳେ ସିଲଟିଗୁଡ଼ା ଜଳଭଣ୍ଡାରରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବର ପାଇ ଚାନ୍ଦିଲି ଥାନା ପୋଲିସ ଓ କୋଲନରା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ବାହାର କରିଥିଲେ। ମୃତ ଯୁବକ ରାୟଗଡ଼ା ଥାନା ଅଧୀନ ମଙ୍ଗଳା ମନ୍ଦିର ନିକଟ ଅଞ୍ଚଳର ବି. ଲକ୍ଷ୍ମୀ ନାରାୟଣ ବୋଲି ଜଣାପଡ଼ିଛି। ତେବେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ଆଇ ଭାସ୍କର ମାଣିଆ କହିଛନ୍ତି। ସେହିପରି ଜେକେପୁର ବିସିରୋଡ୍‌ସ୍ଥିତ ତୁଳସୀମା ସାହିର ରାମବାବୁ(୨୫)ଙ୍କ ମୃତଦେହ ସିଙ୍ଗାପୁର ରେଳ ଷ୍ଟେଶନ ନିକଟ କୁରୁମପେଟା ରେଳ ଧାରଣା ନିକଟରୁ ଜିଆରପି ଜବତ କରିଥିବା ଜଣାପଡ଼ିଛି। ତେବେ ରାମବାବୁଙ୍କ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଥିବା ଜଣାପଡ଼ିଛି।

### ୨ ବାଇକ୍ ମୁହାଁମୁହିଁ, ଯୁବକ ମୃତ

ଜି.ଉଦୟଗିରି,୮।୮(ଡି.ଏନ.ଏ.)- ଜି.ଉଦୟଗିରି ସହର ଟେଲିଫୋନ ଭବନ ନିକଟରେ ଶନିବାର ବିଳମ୍ବିତ ରାତ୍ରରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଜେଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପ୍ରଦୀପ ବାରିକ। ଗୁରୁତର ହେଲେ ଶ୍ରୀକାନ୍ତ ପଣ୍ଡା। ପ୍ରଦୀପ ଓ ଶ୍ରୀକାନ୍ତ ଦୁଇ ବାଇକ୍‌ରେ ଯାଉଥିବା ବେଳେ ଟେଲିଫୋନ ଭବନ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଉଦ୍ଧାର କରାଯାଇ ଜି.ଉଦୟଗିରି ହସ୍ପିଟାଲ ପରେ ଫୁଲବାଣୀ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପ୍ରଦୀପଙ୍କୁ ବ୍ରହ୍ମପୁର ମେଡ଼ିକାଲ ପଠାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜି.ଉଦୟଗିରି ପୋଲିସ ନଂ.୬୫ /୨୧ରେ ମାମଲା ରୁଜୁ କରିଛି।

# ଏ ବର୍ଷ ସ୍ୱଳ୍ପ ବର୍ଷା, ମରୁଡ଼ି ଆଶଙ୍କାରେ ଚାଷୀ

ନବରଙ୍ଗପୁର, ୮।୮(ବି.ପ୍ର.)

- ଫସଲ ବଞ୍ଚାଇବା ଚାଷୀଙ୍କ ପାଇଁ ହେଲାଣି କଷ୍ଟକର
- ଅଣଜଳସେଚିତ ନବରଙ୍ଗପୁର ଜିଲାର ଚାଷୀଙ୍କ ଦୁଃଖ ସରୁନି
- ଆବଶ୍ୟକତା ଅନୁଯାୟୀ ସେଚ ସୁବିଧା ପାଇପାରୁନାହାନ୍ତି ଚାଷୀ



ନବରଙ୍ଗପୁର ଜିଲା ଏକ କୃଷି ବହୁଳ ଅଞ୍ଚଳ। ଶିଳ୍ପ ବିହୀନ ଓ ଅଣଜଳସେଚିତ ନବରଙ୍ଗପୁର ଜିଲାରେ କୃଷି ହିଁ ଏକମାତ୍ର ଆର୍ଥିକ ମାନଦଣ୍ଡ। ଏହି ଅଞ୍ଚଳରେ ୮୫ ପ୍ରତିଶତ ଲୋକ ଚାଷ କାର୍ଯ୍ୟ କରିଥାନ୍ତି। ଖରିଫ ଋତୁରେ ମୌସୁମୀ ଓ ଲଘୁଚାପଜନିତ ବର୍ଷା ଚାଷ କାର୍ଯ୍ୟ ପାଇଁ ସହାୟକ ହୋଇ ଆସୁଛି। ଚଳିତ ବର୍ଷ ଜିଲାରେ ଜୁଲାଇ ସୁଦ୍ଧା ୬୬.୬୪ ପ୍ରତିଶତ କମ୍ ବର୍ଷା ହୋଇଛି। ତେଣୁ ଏଯାଏ ୧୫ ପ୍ରତିଶତ ଚାଷ ଜମି ପଡିଆ ପଡିଛି। ମରୁଡ଼ିରୁ ବର୍ତ୍ତିବା ପାଇଁ ଚାଷ ଜମିକୁ କିଭଳି ପାଣି ମଡାଯିବ ସେ ଚିନ୍ତାରେ ଚାଷୀ।

ଜିଲାରେ ବିଭିନ୍ନ ନଦୀ ନାଳ ଓ ଝରଣାରେ ୯୮ଟି ଉଠାଜଳସେଚନ ମାଧ୍ୟମରେ ୪୩୫ ହେକ୍ଟର, ୪୩୫ ଗଭୀର ନଳକୂପ ଦ୍ୱାରା ୪୩୫ ହେକ୍ଟର ଜମି ଜଳସେଚିତ ହେଉଛି। ନବରଙ୍ଗପୁର ବ୍ଲକର କୁସମଝରରେ ୨୫୦, ଉମରକୋଟର ଭାସ୍କେଲରେ ୧ହଜାର ଓ ଚନ୍ଦାହାଣ୍ଡି ବ୍ଲକ ଫୁଲଝରି ଆଡିବନ୍ଧ ମାଧ୍ୟମରେ ୨ହଜାର ହେକ୍ଟର ଜମିକୁ ଜଳ ସେଚିତ ହେଉଛି। ଭସ୍କେଲ ଜଳଭଣ୍ଡାରର ଦୁଇଟି କେନାଲ ରହିଛି। ପ୍ରତିବର୍ଷ ଗୋଟିଏ କେନାଲ ଦ୍ୱାରା ୧ହଜାର ହେକ୍ଟର ଜମିକୁ ପାଣି ଛଡ଼ାଯାଉଥିବା ବେଳେ ତା’ ପରବର୍ଷ ଆର କେନାଲ ଦ୍ୱାରା ୧ ହଜାର ହେକ୍ଟରକୁ ହିଁ ପାଣି ଛଡ଼ାଯାଉଛି। ଫୁଲଝରି ଆଡିବନ୍ଧ କେବଳ ଖରିଫ ସମୟରେ ଚାଷୀଙ୍କୁ ସହାୟକ ହେଉଛି। ଏଭଳି ସ୍ଥଳେ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଡ୍ୟାମଗୁଡ଼ିକରେ ପାଣିର ଅଭାବ ରହିଛି। ଅନ୍ୟପକ୍ଷରେ ଫୁଲଝରି, ଭାସ୍କେଲ ଡ୍ୟାମ୍ ପୁନରୁଦ୍ଧାର ଓ କେନାଲ ମରାମତି ହୋଇ ନ ଥିବାରୁ ଚାଷୀ ଆବଶ୍ୟକତା ଅନୁଯାୟୀ ସେଚ ସୁବିଧା ପାଇପାରୁନାହାନ୍ତି। ଫସଲ ବଞ୍ଚେଇବା ପାଇଁ ଡ୍ୟାମ୍, ଉଠାଜଳସେଚନ ଓ ଗଭୀରନଳକୂପ ଜିଲାର ଚାଷଜମି ପାଇଁ ପର୍ଯ୍ୟାପ୍ତ ନୁହେଁ। ଅଣଜଳସେଚିତ ନବରଙ୍ଗପୁର ଜିଲାରେ ପ୍ରତ୍ୟେକ ବ୍ଲକରେ ୩୫ ପ୍ରତିଶତ ଜଳସେଚିତ କରିବାକୁ ସରକାର ୧୫ ବର୍ଷ ହେବ ଲକ୍ଷ୍ୟ ଧାର୍ଯ୍ୟ ରଖି ବିଭିନ୍ନ ଯୋଜନା କରିଛନ୍ତି। ଜିଲାର ତୁରୀ-ଗୁଣିଆଟ, ତେଲ ଇଣ୍ଟିଗ୍ରେଟ ପ୍ରକଳ୍ପ ପାଇଁ ସରକାରଙ୍କ ପ୍ରସ୍ତାବ ରହିଥିଲେ ମଧ୍ୟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟରୁ ଅନୁମୋଦନ ହୋଇପାରୁ ନ ଥିବା ଯୋଗୁ ଏହି ଦୁଇ ପ୍ରକଳ୍ପ ଆଗେଇପାରୁନାହିଁ। ସେହିଭଳି ଇନ୍ଦ୍ରାବତୀ ଜଳଭଣ୍ଡାରରୁ ନିମ୍ନ ଭାଗ ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକକୁ କେନାଲ ମାଧ୍ୟମରେ ଜଳ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ୨୦୧୩ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୩୬ କୋଟି ଟଙ୍କାରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ହେବ ବୋଲି ଆକଳନ କରାଯାଇଥିଲା। ୨୦୧୯ରେ ୬୧୮ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଏବେ ନବରଙ୍ଗପୁର ଜିଲାର ଚାଷୀ ଜଳସେଚନ ଉପରେ ହିଁ ଭରସା ରଖିଥିବା ବେଳେ ପ୍ରକଳ୍ପଗୁଡିକ କାର୍ଯ୍ୟ ଆରମ୍ଭ ହୋଇନି। ଆରମ୍ଭ ହୋଇ ପ୍ରକଳ୍ପ କେବେ ଶେଷ ହେବ ଚାଷୀ ଅନେଇ ବସିଛନ୍ତି। ନବରଙ୍ଗପୁର ଜିଲା ଧାନ, ମକା ଓ ଆଖୁ ଚାଷ ପାଇଁ ପୂର୍ବରୁ ନାଁ କରି ଆସିଛି। ଚଳିତ ବର୍ଷ ଖରିଫ ଚାଷ ପାଇଁ ଜିଲାରେ ୧ ଲକ୍ଷ ୯୯ ହଜାର ୧୨୮ ହେକ୍ଟର ଜମିରେ ବିଭିନ୍ନ ଚାଷ ପାଇଁ ଟାର୍ଗେଟ ରହିଛି । ୧ ଲକ୍ଷ ୩ ହଜାର ୪୬୮ ହେକ୍ଟର ଧାନ, ୬୦ ହଜାର ୩୪୭ ହେକ୍ଟର ମକା, ବାଜରା ଓ ମାଣ୍ଡିଆ ଆଦି ୨୮୫୦ ହେକ୍ଟର, ଡାଲି ଜାତୀୟ ଫସଲ ୨୪୨ ହେକ୍ଟର, ତୈଳ ଜାତୀୟ ୭୫୫ ହେକ୍ଟର, ଝୋଟ ୧୬୯ ହେକ୍ଟର, ଆଳୁ ଓ ପନିପରିବା ୧୬୮୪୩ ହେକ୍ଟର, ହଳଦୀ, ମରିଚ ଓ ଅଦା ୧୫୭୭ ହେକ୍ଟର, ଆଖୁ ୪୬୮୨ ହେକ୍ଟର , ସେମଳ କନ୍ଦା ୧୦୨ ହେକ୍ଟର, ଧନିଚା ଚାଷ ୭୫ ହେକ୍ଟରରେ କରିବାକୁ ଟାର୍ଗେଟ ରହିଛି।

## ଅଲିମ୍ପିକ୍ସରେ ପଦକ ବିଜେତା ଭାରତୀୟଙ୍କୁ ଶୁଭେଚ୍ଛା




ନବରଙ୍ଗପୁର ବଲ୍ ବ୍ୟାଡ଼ମିଣ୍ଟନ ଆସୋସିଏଶନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଉମରକୋଟ, ୮।୮(ସ୍ୱ.ପ୍ର.)

ଟୋକିଓ ଅଲିମ୍ପିକ୍ସରେ ଭାରତ ଭଲ ପ୍ରଦର୍ଶନ କରିଛି। ୪୧ ବର୍ଷ ପରେ ପୁରୁଷ ହକି ଟିମ୍‌କୁ ବ୍ରୋଞ୍ଜ ପଦକ ମିଳିଥିବା ବେଳେ ଶନିବାର ଜାଭ୍‌ଲିନ୍ ଥ୍ରୋରେ ଭାରତର ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ସେହିଭଳି ଅନ୍ୟ ସମସ୍ତ ବିଭାଗକୁ ମିଶାଇ ଭାରତ ଝୋଲିରେ ୧ସ୍ୱର୍ଣ୍ଣ, ୨ରୋପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ପଡିଛି। ଅଲିମ୍ପିକ୍ସରେ ଭାରତ ଭଲ ପ୍ରଦର୍ଶନ କରିଛି। ପଦକ ବିଜେତାଙ୍କୁ ଉମରକୋଟର ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି।

ନବରଙ୍ଗପୁର ବଲ୍ ବ୍ୟାଡମିଣ୍ଟନ ଆସୋସିଏଶନ ଜିଲା ସଭାପତି ଏମ୍. କୁମାର, ସମ୍ପାଦକ ସପନ ବୈରାଗୀଙ୍କ ନେତୃତ୍ୱରେ ଉମରକୋଟର ଖେଳାଳିମାନେ ସ୍ଥାନୀୟ ଗୋପବନ୍ଧୁ ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ସଂଘ ପକ୍ଷରୁ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏଥିସହ ଆଗାମୀ ଅଲିମ୍ପିକ୍ସରେ ଭାରତ ଅଧିକ ପଦକ ହାସଲ କରୁବୋଲି ଆଶା କରିଛନ୍ତି। ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଦେଖି ସ୍ଥାନୀୟ ଖେଳାଳି ମଧ୍ୟ ଅଧିକ ଉତ୍ସାହିତ ଅଛନ୍ତି। ସେମାନେ ମଧ୍ୟ ଭଲ ଖେଳି ଦେଶ ପାଇଁ ପଦକ ଆଣିବାକୁ ଚେଷ୍ଟା କରିବେ ବୋଲି ଉମରକୋଟର ଖେଳାଳିମାନେ କହିଛନ୍ତି। ଶ୍ରୁତି ଗଣ୍ଡ, ସ୍ମୃତି ଗଣ୍ଡ, ଉର୍ମିଳା ହରିଜନ, ଦ୍ରିପତି ହରିଜନ, ପ୍ରଫୁଲ୍ଲ କଲାର, ନରସିଂହ ହରିଜନ ପ୍ରମୁଖ ଶୋଭାଯାତ୍ରା ପରିକ୍ରମାରେ ସାମିଲ ହୋଇଥିଲେ।

# ପୂଜାର୍ଚ୍ଚନାରେ ଆଦିବାସୀ ପାଳିଲେ ଉଆଁସ ପରବ

ଡାବୁଗାଁ/ଉମରକୋଟ, ୮।୮ (ଡି.ଏନ୍.ଏ./ସ୍ୱ.ପ୍ର.)



ଡାବୁଗାଁରେ ଏକ ଜମିରେ ଚାଷୀମାନେ ବିଭିନ୍ନ ଡାଳ ପୋତୁଛନ୍ତି।



ଉମରକୋଟର ଡଙ୍ଗରିଗୁଡା ଗାଁରେ ପୂଜା କରାଯାଉଛି।

ନବରଙ୍ଗପୁର ଜିଲାର କୃଷିଭିତ୍ତିକ ଉଆଁସ ପରବ ବା ପବିତ୍ର ଚିତାଲାଗି ଅମାବାସ୍ୟା ରବିବାର ପାଳିତ ହୋଇଛି। ଚିତାଲାଗି ଅମାବାସ୍ୟାକୁ ସାଧାରଣତଃ ଆଦିବାସୀ ସମ୍ପ୍ରଦାୟର ଲୋକେ ଅମୁସ ବୋଲି ସମ୍ବୋଧନ କରିଥାନ୍ତି। ଏହି ପର୍ବକୁ ଚଷା ପରିବାର ଅତିଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ଏହାକୁ ଏକ କୃଷିଭିତ୍ତିକ ପର୍ବଭାବେ ପାଳନ କରାଯାଏ। ଏହିଦିନ ଆଦିବାସୀ ଭାଇମାନେ ପରମ୍ପରା ଅନୁଯାୟୀ, ପୂଜାର୍ଚ୍ଚନା କରି ଚାଷ ଜମିରେ ଖିରି ଚିତଉ ଭୋଗ କରିଥାନ୍ତି। ଏହା ଦ୍ୱାରା ଫସଲ ଭଲ ହୁଏ ବୋଲି ବିଶ୍ୱାସ ରହିଛି।

ଉକ୍ତଦିନ ସମସ୍ତ ସଦସ୍ୟ ଘରେ ଉପସ୍ଥିତ ରୁହନ୍ତି ଓ ନିଜ ସାମର୍ଥ୍ୟ ଅନୁସାରେ ନୂଆ ପୋଷାକ ପରିଧାନ କରନ୍ତି। ପୂର୍ବଦିନରୁ ହିଁ ଘରଦ୍ୱାର ସଫା କରିଥାନ୍ତି। ଆଦିବାସୀ ଭାଇମାନେ ନିଜନିଜ ଜମିରେ ପରମ୍ପରା ଅନୁଯାୟୀ ଦେଓବାଡ଼ନି, ବାତ୍ରୀ ବୁଟା, କେନ୍ଦୁ ଡାଳ ଆଦି ପୋତିଥାନ୍ତି। ଖିରି, ଚିତଉ ଭୋଗ ଲଗାଇ ନଡ଼ିଆ ଭାଙ୍ଗି ଧୂପଦୀପ ଦେଇ ପୂଜାକରିଥାନ୍ତି। ଏପରି କରିବା ଦ୍ୱାରା ଫସଲରେ ରୋଗ ପୋକ ଲାଗି ନ ଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି। ଜଙ୍ଗଲରୁ ସଂଗ୍ରହ କରି ଆଣିଥିବା ଡାଳ ପତ୍ରକୁ ଘର ଦୁଆରବନ୍ଧ ଓ ନିଜ ନିଜ ଗୁହାଳରେ ଲଗାଇବା ସହିତ ପୂଜା କରିଥିଲେ। ଏହା ଦ୍ୱାରା ଘରକୁ ରୋଗ ଜୀବାଣୁ ପ୍ରବେଶ କରିବ ନାହିଁ ବୋଲି ବିଶ୍ୱାସ ରହିଛି। ଘରେ ଘରେ ଏହାପରେ ଭୋଜି କରାଯାଇଥାଏ। ସନ୍ଧ୍ୟା ସମୟରେ ଗୀତ ନାଚ ସହ ଭୋଜି ଭାତର ଆସର ଜମିଥାଏ। ଏହି ଦିନ ଗେଣ୍ଡା,ସାମୁକା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ। ଚଳିତ ବର୍ଷ କରୋନା ପାଇଁ ସବୁକିଛି ଫିକା ପଡିଛି। ଗାଁ ଓ ବିଲରେ କେବଳ ପୂଜାର୍ଚ୍ଚନା କରାଯାଇଛି। ଘରେ ଘରେ ଖିରି ପିଠା ଆଦି କରାଯାଇଥିଲା। ସେଥିରେ ହିଁ ଚଳିତ ବର୍ଷର ଚିତଉ ଅମାବାସ୍ୟ ତଥା ଉଆଁସ ପରବ ଶେଷ ହୋଇଛି।

## ବାଇକ୍ ଚୋରି ଘଟଣାରେ ୨ ଗିରଫ

ମୁନିଗୁଡ଼ା,୮।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ପାଇକସାହିସ୍ଥିତ ବ୍ୟବସାୟୀ ବି. ଉମାଶଙ୍କର ପାତ୍ରଙ୍କ ଘର ପରିସରରୁ ଗୁରୁବାର ରାତିରେ ଏକ ଦାମୀ ବାଇକ୍ ଚୋରି ହୋଇଥିଲା। ଏ ନେଇ ମୁନିଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦୁହେଁ ହେଲେ ଖାଲପଦର ଗ୍ରାମର ପରକ୍ଷିତ ପଲକିଆ(୨୧) ଓ କେଦାର ପଲକିଆ(୨୦)। ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ସେହିପରି ଜଙ୍ଗଲରେ ଲୁଚାଇ ରଖିଥିବା ଚୋରି ବାଇକ୍ ଜବତ କରାଯାଇଛି। ଏ ନେଇ ଥାନାରେ ୧୦୩/୨୧ ରେ ଏକ ମାମଲା ରୁଜୁ ହୋଇଛି।

## ମରାମତି ହେଲା ଡାଙ୍ଗସୋରଡ଼ା ବସ୍ତିଷ୍ଠାଣ୍ଡ ରାସ୍ତା



ରାସ୍ତା ମରାମତି କାମ ଚାଲିଛି।

ଚନ୍ଦ୍ରପୁର, ୮।୮(ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ବସ୍ତିଷ୍ଠାଣ୍ଡ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ନେଇ ଖବର ଅଗଷ୍ଟ ୭ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଶନିବାର ବିଭାଗ ପକ୍ଷରୁ ଜେସିବି, ରୋଲର୍ ଲଗାଇ ରାସ୍ତା ମରାମତି କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଯିବାଆସିବା ଏବଂ ଯାନବାହନ ଯାତାୟାତ ସମସ୍ୟା ଦୂର ହୋଇଛି ବୋଲି ବସ୍ତିଷ୍ଠାଣ୍ଡ ଅଞ୍ଚଳର ବ୍ୟବସାୟୀ ବାବଦେବ ବଦାକୁଲୁ, ନରେନ୍ଦ୍ର ପାତ୍ର, ନିଗିବାନନ୍ଦ ଦାସ ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟରାସ୍ତାରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ସାମାନ୍ୟ ବର୍ଷାରେ ସେଥିରେ ପାଣି ଭର୍ତ୍ତି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିଲା।

# ସ୍ମାର୍ଟସ୍କୁଲ ନିର୍ମାଣର ଅଗ୍ରଗତି, ଭିତ୍ତିଭୂମି ଅନୁଧ୍ୟାନ

ରାୟଗଡ଼ା ଅଫିସ, ୮।୮-

**ମୋ ସ୍କୁଲ ଅଭିଯାନ ଉପ-ନିର୍ଦ୍ଦେଶିକାଙ୍କ ରାୟଗଡ଼ା ଜିଲା ଗସ୍ତ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ମୋ ସ୍କୁଲ ଅଭିଯାନର ଉପ ନିର୍ଦ୍ଦେଶିକା ସସ୍ମିତା ମାଳୀ ଶନିବାର ରାୟଗଡ଼ା ଜିଲା ଗସ୍ତରେ ଆସି ୫ଟି ନୀତି ଅନୁଯାୟୀ ଜିଲାର ୭ ସ୍କୁଲରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର, ବିଜ୍ଞାନ ପରୀକ୍ଷାଗାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ବିଦ୍ୟାଳୟ ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ଗସ୍ତବେଳେ ତାଙ୍କ ସହ ସହକାରୀ ନିର୍ଦ୍ଦେଶିକା ତଥା ପ୍ରକଳ୍ପ ଅଧିକାରୀ ସୁନନ୍ଦା ମେକାପ୍ ମଧ୍ୟ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ପ୍ରଥମେ ରାୟଗଡ଼ା ଜିଲା ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ ସେଠାରେ ୩ ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର ଓ ବିଜ୍ଞାନ ପାଠାଗାର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ସ୍କୁଲର ଭିତ୍ତିଭୂମି ବିଷୟରେ ଆଲୋଚନା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ କ୍ଲାସ୍‌ରେ ପଢ଼ି ଜୀବନରେ ସଫଳତା ପାଇବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଓ ମୋ ସ୍କୁଲ ଅଭିଯାନରେ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୭ ଆକାଂକ୍ଷୀ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ୧୦ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମଧ୍ୟ ନୂତନ ଜ୍ଞାନକୌଶଳ ନେଇ ପ୍ରଶିକ୍ଷଣ ଦିଆଯିବା ନେଇ ଯୋଜନା ରହିଛି। ଅକ୍ଟୋବର ୨ ସୁଦ୍ଧା ସମସ୍ତ ସ୍କୁଲରେ କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ଉପ ନିର୍ଦ୍ଦେଶିକା ପ୍ରକାଶ କରିଥିଲେ। ରାୟଗଡ଼ା ଶିକ୍ଷା ଜିଲାର ୭ ଆକାଂକ୍ଷୀ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ରାୟଗଡ଼ା ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋତାପେଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଉଗ୍ରତାରା ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଶିକରପାଇ, ରାମନାଗୁଡା, କାଶୀପୁର ଓ ଦୁର୍ଗୀର ସରକାରୀ ହାଇସ୍କୁଲକୁ ପ୍ରଥମ ପର୍ଯ୍ୟାୟରେ ମୋ ସ୍କୁଲ ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇ ଭିତ୍ତିଭୂମି ସୁଦୃଢ଼ କରାଯିବ ବୋଲି ଜଣାପଡ଼ିଛି। ରାୟଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତ ପରେ ଉପ ନିର୍ଦ୍ଦେଶିକା କୋତାପେଟା, କୁମୁତଲପେଟା ଉଗ୍ରତାରା ହାଇସ୍କୁଲ, ଶିକରପାଇ, କାଶୀପୁର ଗସ୍ତ କରିଥିଲେ। ଗସ୍ତବେଳେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ବିଜ୍ଞାନ ସୁପରଭାଇଜର ମନୋଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟିକ ତଦନ୍ତ ଦାବି କଲା କଂଗ୍ରେସ ପ୍ରତିନିଧି ଦଳ

ଗୁଣପୁର,୮।୮(ଡି.ଏନ.ଏ)



ମୃତ ଶ୍ରମିକଙ୍କ ପରିବାରକୁ ଭେଟିବାକୁ ଯାଇଥିବା କଂଗ୍ରେସ ପ୍ରତିନିଧି ଦଳ।

**ଆନ୍ଧ୍ରରେ ଗୁଣପୁର ଅଞ୍ଚଳର ୫ ଶ୍ରମିକଙ୍କ ମୃତ୍ୟୁ ଘଟଣା**

ଆନ୍ଧ୍ର ପ୍ରଦେଶରେ ଜୁଲାଇ ୨୯ରେ ଗୁଣପୁର ଅଞ୍ଚଳର ୫ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଅଗ୍ନିକାଣ୍ଡରେ ଶ୍ରମିକମାନଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଏହି ଘଟଣାର ଅନୁଧ୍ୟାନ ନିମନ୍ତେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ୬ ଜଣିଆ ରାଜ୍ୟସ୍ତରୀୟ କମିଟି ଗଠିତ ହୋଇଥିଲା। ଉକ୍ତ ପ୍ରତିନିଧି ଦଳ ରବିବାର ମୃତ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ। ଘଟଣାର ଅନୁସନ୍ଧାନ ପରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରମିକ ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ ନିମନ୍ତେ ଦାବି କରିଥିଲେ। ସରକାର ୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରି ନିରବ ରହିଗଲେ। ହେଲେ ଉକ୍ତ ଘଟଣାରେ ଆହାତ ହୋଇଥିବା ରମେଶ ଶବରଙ୍କ କଥା ଭୁଲିଯାଇଥିବା ଅଭିଯୋଗ କରିବା ସହ ଜିଲା କଂଗ୍ରେସ ତାଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବ ବୋଲି କୁହାଯାଇଛି। ସେହିପରି ଏହି ଘଟଣାରେ ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ବିଭାଗ ଦାୟୀ। ତେଣୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଚାକିରିରୁ ବହିଷ୍କାର ସହ ଗିରଫ କରାଯାଉ ଏବଂ ଦଲାଲମାନଙ୍କୁ ମଧ୍ୟ ଗିରଫ ନିମନ୍ତେ ଦାବି ହୋଇଛି। ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନି ଦିଆଯାଇଛି। ପ୍ରତିନିଧି ଦଳରେ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ସାଧାରଣ ସମ୍ପାଦକ ଅଜିତ ଦାସ, ସରୋଜ କୁମାର ପାତ୍ର ରହିଥିଲେ।

# ହସ୍ତଶିଳ୍ପ କାରିଗରଙ୍କୁ ଦିଆଯିବ ଦକ୍ଷତା ବିକାଶ ତାଲିମ

ରୟାଗଡ଼ା ଅଫିସ,୮।୮

- ଜିଲାରେ ୪ଟି ପର୍ଯ୍ୟାୟରେ ୧୫ଜଣ ଲେଖାଏ ନେବେ ତାଲିମ
- ଶିଳ୍ପୀ ଉନ୍ନତି ଯୋଜନାରେ ୨୦ ଶିଳ୍ପୀଙ୍କୁ ମିଳିବ ଋଣ ସହାୟତା

ହସ୍ତଶିଳ୍ପ ଓ ହସ୍ତଶିଳ୍ପୀଙ୍କ ବିକାଶ ନିମନ୍ତେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଡୋକ୍ରା, ଟେରାକଟା, ବାଉଁଶ ଓ ବସ୍ତ୍ର ଯୋଡ଼ା ଶିଳ୍ପୀଙ୍କ ଜୀବନ ଓ ଜୀବିକାର ଉନ୍ନତି ନିମନ୍ତେ କାରିଗର ମାନଙ୍କୁ ଦକ୍ଷତା ବିକାଶ ତାଲିମ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶିକା ଜୟସୀ ଡୁଙ୍ଗଡୁଙ୍ଗ ହସ୍ତଶିଳ୍ପ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। କାରିଗରମାନଙ୍କୁ ମାଷ୍ଟର କ୍ରାଫ୍ଟ ମ୍ୟାନ୍‌ଙ୍କ ଦ୍ୱାରା ତାଲିମ ନିମନ୍ତେ ପ୍ରାର୍ଥୀ ଚୟନ କରାଯିବ। ଜିଲାରେ ୪ଟି ପର୍ଯ୍ୟାୟରେ ୧୫ଜଣ ଲେଖାଏ ତାଲିମ ନେବେ। ସେହିପରି ଡଙ୍ଗରିଆ ଶାଲ୍ ବୁଣିବା ନିମନ୍ତେ ୧୫ ଡଙ୍ଗରିଆ ମହିଳାଙ୍କୁ ତାଲିମ ଦିଆଯିବ। ଶିଳ୍ପୀ ଉନ୍ନତି ଯୋଜନାରେ ୨୦ଶିଳ୍ପୀଙ୍କୁ ୫୦ହଜାର ଟଙ୍କା ଋଣ ଆକାରରେ ସହାୟତା ଯୋଗାଇ ଦିଆଯିବ। ହସ୍ତଶିଳ୍ପ ଓ କୁଟୀର ଶିଳ୍ପର ବିକାଶ ପାଇଁ ତାଲିମ ପ୍ରଦାନ କରାଯିବ। ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଯାନ୍ତ୍ରିକ ଜ୍ଞାନ କୌଶଳ ତାଲିମ ଦିଆଯିବ। ଓର୍‌ମାସ ଉତ୍ପାଦିତ ଦ୍ରବ୍ୟର ବିପଣନରେ ସହଯୋଗ କରିବ ଏବଂ ବ୍ୟାଙ୍କ ସଂସ୍ଥା ଆର୍ଥିକ ସହାୟତା ଯୋଗାଇଦେବ ବୋଲି କୁହାଯାଇଛି। ଜିଲାର ବିଷମକଟକ ବ୍ଲକର ଝିଗିଡ଼ିଠାରେ ଡୋକ୍ରା ହସ୍ତଶିଳ୍ପ ତାଲିମ ଦିଆଯିବ। ସେହିପରି କାଶୀପୁର ବ୍ଲକର ସୋରିଷପଦର ଗ୍ରାମରେ ଟେରାକୋଟା, ମୁନିଗୁଡ଼ା ବ୍ଲକର ମୁନିଖୋଲଠାରେ ବାଉଁଶ ଶିଳ୍ପ, ଥେରୁବାଲିରେ ବସ୍ତ୍ର ଯୋଡ଼େଇ ଓ ବିଷମକଟକ ବ୍ଲକର ରୋଡଙ୍ଗଠାରେ ଡଙ୍ଗରିଆ ଶାଲ୍ ବୁଣିବା ଉପରେ ତାଲିମ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଏସ୍‌ବିଆଇ ଲିଡ୍‌ବ୍ୟାଙ୍କ ପରିଚାଳକ, ଲିଡ୍ ବ୍ୟାଙ୍କ ଜିଲା ପରିଚାଳକ, ନାବାର୍ଡ, ଓର୍‌ମାସ୍‌ର ଡିପିଏମ୍ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶିକା ଓ ଅନ୍ୟମାନେ।

# ‘ଦଇବ ସଜାଇଲା ଦିବ୍ୟାଙ୍ଗ’

ଝରିଗାଁ, ୮।୮(ସ୍ୱ.ପ୍ର.)



ଦୁପେନ ଠାକୁର।

- ଘର ଚଳାଇବାକୁ ସ୍ତ୍ରୀ କରୁଛନ୍ତି ଦିନ ମଜୁରିଆ କାମ
- ବାରମ୍ବାର ଆବେଦନ ସତ୍ତ୍ୱେ ମିଳୁନି ଦିବ୍ୟାଙ୍ଗ ପ୍ରମାଣପତ୍ର

ସୁସ୍ଥ ଶରୀର ସହ ବାହାରେ କାମ କରି ପରିବାର ଚଳାଉଥିଲେ। କିନ୍ତୁ ହଠାତ୍ ଦିନେ ଶୋଇ ଉଠିବା ବେଳକୁ କାମ କରୁ ନ ଥିଲା ଗୋଡ଼ ହାତ। ପାଖରେ ସଞ୍ଚିତ ଅର୍ଥରେ ଚିକିତ୍ସା କରାଇଲି। କିନ୍ତୁ କିଛି ସୁଫଳ ମିଳିଲାନି। ଦଇବ ମତେ ଦିବ୍ୟାଙ୍ଗ କରିଦେଲା ବୋଲି କୋହ ଭରା କଣ୍ଠରେ କହିଛନ୍ତି ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳର ଦୁପେନ ଠାକୁର (୪୨)।

ଦୃଷ୍ଟିହୀନ ମା’, ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ଦୁପେନଙ୍କ ପରିବାର। ଥରେ ରାତିରେ ଶୋଇ ସକାଳୁ ଉଠିବା ବେଳକୁ ଦୁପେନ ବାମ ହାତ ଓ ଗୋଡ ଅକାମୀ ହୋଇଥିବା ଅନୁଭବ କଲେ। ଏହା ୨୦୧୬ର ଘଟଣା। ଚିକିତ୍ସା ପାଇଁ ରାୟପୁର, ରାଜିମ୍, ଜଗଦଲପୁର ଆଦି ସ୍ଥାନକୁ ଯାଇଥିଲେ ଦୁପେନ। କିନ୍ତୁ ସେଥିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଏହାପରେ ଦୁପେନ କୋରାପୁଟ ଜିଲା ଚଲାଣଗୁଡା ଗ୍ରାମରେ ଆୟୁର୍ବେଦିକ ଚିକିତ୍ସା କରାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଥିରେ ନିଜର ସଞ୍ଚିତ ସମସ୍ତ ଧନ ଶେଷ ହୋଇ ଯାଇଥିଲା। ଘରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ଅଚଳ ହୋଇ ପଡିବା ପରେ ପରିବାର ଚଳାଇବା ଚିନ୍ତା ସମସ୍ତଙ୍କୁ ଘାରିଥିଲା। ଏବେ ଦୁପେନଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ଘର ଚଳାଇବାକୁ ଦିନ ମଜୁରିଆଭାବେ କାମ କରୁଛନ୍ତି। ଦିବ୍ୟାଙ୍ଗ ଦୁପେନଙ୍କୁ ସରକାରୀ ଯୋଜନାରେ ମିଳିଛି ବିଜୁ ପକ୍କା ଘର ଏବଂ ରାଶନ କାର୍ଡ। ଭୀମଭୋଇ ସାମର୍ଥ୍ୟ ଶିବିରରେ ଦୁଇ ଦୁଇଥର ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ କୌଣସି କାରଣରୁ ତାହା ନାକଚ ହୋଇଯିବାରୁ ଏ ପର୍ଯ୍ୟନ୍ତ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିନାହିଁ। ପ୍ରମାଣପତ୍ର ନ ଥିବାରୁ ସେ ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ରହୁଛନ୍ତି। ଏନେଇ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ପଚାରିବାରୁ ଦୁପେନ କିପରି ଭତ୍ତା ପାଇପାରିବେ ସେଥିପ୍ରତି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଲୁଟ୍ ମାମଲାରେ ୩ ଗିରଫ

ଜୟପୁର, ୮।୮ (ନି.ପ୍ର.)- ଏକ ଲୁଟ ମାମଲାରେ ଜୟପୁର ଟାଉନଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମହାରାଣୀପେଟାର ଟୁନା ଗୌଡ, ମେନରୋଡ ଅଞ୍ଚଳର ଶଙ୍କର ଶତନାମୀ ଓ ମାଳୀ ସାହିର କାର୍ତ୍ତିକ ଜାନି। ହାନାଗୁଡା ନିକଟରେ ଅଗଷ୍ଟ ୬ରେ ବାଇକ୍ ଅଟକାଇ ସୋନାପୁରର ତରଭା ଗ୍ରାମର ହାଡୁ ମହାନନ୍ଦଙ୍କୁ ଅଭିଯୁକ୍ତମାନେ ଧମକଚମକ ଦେଇ ଲୁଟ୍ କରିଥିଲେ। ଏନେଇ ହାଡୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲୁଟେରାମାନେ ତାଙ୍କଠାରୁ ମୋବାଇଲ ଫୋନ ସହ ୫ ଶହ ଟଙ୍କା ଲୁଟ୍ କରି ନେଇଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ୧୮୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଲୁଟ୍ ମୋବାଇଲ ଓ ୫ ଶହ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ସେମିଳିଗୁଡା,୮।୮(ସ୍ୱ. ପ୍ର)- ଭାରତୀୟ ରେଡ଼କ୍ରସର ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ସେମିଳିଗୁଡା ବ୍ଲକ ରାଜପୁଟ ପଞ୍ଚାୟତର ଚଲାଣପୁଟ ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଡ଼କ୍ରସର ଆଜୀବନ ସଦସ୍ୟ ତଥା ଜିଲା ଜେଆରସି ଶାହେଦା ପରବିନ ଅତିଥିଭାବେ ଯୋଗଦେଇ କରୋନାର ମୁକାବିଲା ପାଇଁ ଗ୍ରମବାସୀଙ୍କୁ ସଚେତନ ରହିବା ଲାଗି ବିଭିନ୍ନ ପରାମର୍ଶ ଦେଇଥିଲେ। ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା ସହ ବାରମ୍ବାର ହାତ ଧୋଇବା ଏବଂ କରୋନା ପ୍ରତିଷେଧକ ଟୀକା ନେବାକୁ ବୁଝାଇଥିଲେ। ସମାଜିକ କର୍ମୀ ଗୋବିନ୍ଦ ବଲ୍ଲଭ ପାଢ଼ୀ, ଚିନ୍ତାମଣି ପୃଷ୍ଟି,ପୀତାମ୍ବର କିର୍ଷାନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରେଡ଼କ୍ରସର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ଗ୍ରମବାସୀଙ୍କୁ ମାସ୍କ ଏବଂ ସାବୁନ ବଣ୍ଟନ କରାଯାଇଥିଲା।

### ଭଞ୍ଜ ସଂସଦ ପକ୍ଷରୁ ଚାରାରୋପଣ

ସୁନାବେଡା, ୮।୮(ସ୍ୱ.ପ୍ର.)- ସୁନାବେଡା ମିଗ ନଗରୀସ୍ଥିତ ଭଞ୍ଜ ସଂସଦ ପକ୍ଷରୁ ଚିକାପାର ଶିବ ମନ୍ଦିର ପ୍ରବେଶ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଛି। ଏଥିରେ ହାଲର ଉପ ମହାପ୍ରବନ୍ଧକ ମନୋରଞ୍ଜନ ମହାକୁଡ଼ ମୁଖ୍ୟଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦ ସଭାପତି ଲକ୍ଷ୍ମୀ ନାରାୟଣ ଗୌଡ଼, କର୍ମକର୍ତ୍ତା ଦେବହରି ସାହୁ, ଯୋଗେନ୍ଦ୍ର ପ୍ରଧାନ, ଭଗବାନ ସ୍ୱାଇଁ, ବିଜୟ ପାତ୍ର, ସନ୍ତୋଷ ସାହୁ, ବନେଶ୍ୱର ପାତ୍ର ପ୍ରମୁଖ ପିଜୁଳି, ଅଁଳା, ଆମ୍ବ, ଲେମ୍ବୁ, ନିମ୍ବ, ହରଡା, ବାହାଡା, ବେଲ ଆଦି ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଲଳିତ ଦୋରା, ପ୍ରଦୀପ ନାୟକ, ବାବୁଲି ମହାନ୍ତି, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶେଖ ଇବ୍ରାହିମ, ସନ୍ୟାସୀ ଜେନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଲାୟନ୍ସ କ୍ଲବ ପକ୍ଷରୁ ସ୍ମାରକପତ୍ର
### ବଂଶଧାରା ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି




ଗୁଣପୁର,୮।୮(ଡି.ଏନ୍.ଏ.)- ବଂଶଧାରା ନଦୀର ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ସହ ତଳ ମୁଣ୍ଡରେ ଆନ୍ଧ୍ରର ନେରେଡି ପ୍ରକଳ୍ପକୁ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଉଛି। ଏ ନେଇ ସମିତି ପକ୍ଷରୁ ଚାଲିଥିବା ଆନ୍ଦୋଳନ ରବିବାର ୮ମ ଦିନରେ ପହଞ୍ଚିଛି। ଏହି ଅବସରରେ ଲାୟନ୍ସ କ୍ଲବ ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପ ଜିଲାପାଳଙ୍କ ଜରିଆରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଚୌଧୁରୀଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଇଂ.ବିଷ୍ଣୁ ପଟ୍ଟନାୟକ,ଏଲ୍. ଈଶ୍ୱର ରାଓ, ପ୍ରତାପ ଚୌଧୁରୀ, ନରେନ୍ଦ୍ର ସାହୁ, ଗଜା ପାଳ,ଏଲ୍.ଶେଷଗିରି ରାଓ, ଏଲ୍.ଗୋପାଳ, କେ.ସନ୍ତୋଷ ଓ ସୁମନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଙ୍କ ସୁରକ୍ଷା ନେଇ ସର୍ବାଧିକ ଗୁରୁତ୍ୱ

ମାଲକାନଗିରି, ୮।୮ (ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଆଶା ଓ ଅଙ୍ଗନୱାଡି କର୍ମୀ।

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ପ୍ରାୟତଃ ଶେଷ ଅବସ୍ଥାରେ ପହଞ୍ଚିଛି । ଚିକିତ୍ସା ସଚେତନତା ଯୋଗୁ ଏହାର ସଂକ୍ରମଣ ହ୍ରାସ ପାଇଛି। ଫଳରେ ରାଜ୍ୟ ସରକାର ଲଗାଇଥିବା ବିଭିନ୍ନ କଟକଣାକୁ ପର୍ଯ୍ୟାୟକ୍ରମେ ଉଠାଇଛନ୍ତି। ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଆଂଶିକ ପ୍ରତ୍ୟାହାର କରିଛନ୍ତି। ତେବେ କରୋନାର ତୃତୀୟ ଲହର ଅନେକ ଦେଶରେ ଆରମ୍ଭ ହୋଇଛି। ଏଥିରେ ଆମ ଦେଶ ଓ ରାଜ୍ୟ ସଂକ୍ରମିତ ହେବାର ସମ୍ଭାବନା ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ବିଶେଷ କରି ତୃତୀୟ ଲହରରେ ଶିଶୁମାନେ ପ୍ରଭାବିତ ହେବେ। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ରହୁଥିବା ବଣ୍ଡା ଏବଂ ଡିଡାଇ ଜନଜାତିର ଶିଶୁ ମାନଙ୍କୁ କିପରି ସୁରକ୍ଷିତ ରଖିହେବ ସେଥିପାଇଁ ଜିଲା ପ୍ରଶାସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଆଗେଇ ଆସିଛନ୍ତି। ସମୁଦ୍ର ପତନଠାରୁ ପ୍ରାୟ ୬ ହଜାର ଫୁଟ ଉଚ୍ଚରେ ଥିବା ବଣ୍ଡା ଘାଟିର ୫ଟି ପଞ୍ଚାୟତରେ କାର୍ଯ୍ୟରତ ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ଭୁବନେଶ୍ୱରର ଇକୋନୋଲୋଜିକାଲ ସୋସାଇଟି ଅଫ୍ ଫାଉଣ୍ଡେସନ ସହାୟତାରେ ମାଲକାନଗିରିର ମୋଡ୍ ଓ ପରୋବର୍ତ୍ତନ ସଂସ୍ଥା ମୁଦୁଲିପଡାରେ ପହଞ୍ଚି ଅଙ୍ଗନୱାଡି ଓ ଆଶା କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଶିଶୁମାନେ ଯେପରି ତୃତୀୟ ଲହରରେ ଆକ୍ରାନ୍ତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେଇ ପ୍ରତି ପରିବାର ନିକଟକୁ ଯାଇ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା। ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଗ୍ରାମର ପରିମଳ ବ୍ୟବସ୍ଥା, ସମଦୂରତା ରକ୍ଷା, ଘରଦ୍ୱାର ପରିଷ୍କାର, ଗରମପାଣି ବ୍ୟବହାର କରିବା, ମଶାରି ଟାଙ୍ଗି ଶୋଇବା, ଜଙ୍ଗଲି ଅନାବନା ଶାଗ ନ ଖାଇବା, ସାବୁନ୍ ଲଗାଇ ଗାଧୋଇବା ସହ ହାତକୁ ବାରମ୍ବାର ସଫା କରିବା, କୌଣସି ବ୍ୟକ୍ତି କିମ୍ବା ଶିଶୁଙ୍କଠାରେ ଜ୍ୱର, ଖାସ, ଥଣ୍ଡା କିମ୍ବା ମୁଣ୍ଡବିନ୍ଧା ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସେମାନଙ୍କୁ ବୁଝାଇବା ଲାଗି ତାଲିମ ବେଳେ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ କୁହାଯାଇଥିଲା। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ମାସ୍କ, ଗ୍ଲୋବସ୍, ସାନିଟାଇଜର, ଅକ୍ସିମିଟର, ଥର୍ମୋମିଟର, ଥର୍ମାଲ ସ୍କାନର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଦୁଲିପଡା ସରପଞ୍ଚ ଜ୍ୟୋସ୍ନାରାଣୀ ଧାଙ୍ଗଡାମାଝି ଯୋଗଦେଇଥିଲେ। କରୋନାର ତୃତୀୟ ଲହର ସମ୍ପର୍କରେ ପଞ୍ଚାୟତର ପ୍ରତି ଗ୍ରାମରେ ଆଗାମୀ ଦିନରେ ସଚେତନତା ବୈଠକ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସନ୍ତୋଷ ଶୁକ୍ଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଶଙ୍କାରେ କରୋନା ତୃତୀୟ ଲହର**

# ବାତିଲ ହେଲା ସଲଭେନ୍ସି ସାର୍ଟିଫିକେଟ୍

**ପଥର ଖାଦାନ ଟେଣ୍ଡରରେ ଦୁର୍ନୀତି ମାମଲା**

ମାଲକାନଗିରି,୮।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ହୋଇଥିବା ପଥର ଖାଦାନ ମାମଲାରେ ମୋଟୁ ତହସିଲ ପକ୍ଷରୁ ପ୍ରଦାନ କରାଯାଇଥିବା ସଲଭେନ୍ସି ସାର୍ଟିଫିକେଟ୍‌କୁ ବାତିଲ କରାଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ରିପୋର୍ଟକୁ ଭିତ୍ତି କରି ଜିଲାପାଳ ବିଶାଲ ସିଂ ଏହି ପଦକ୍ଷେପ ନେଇଛନ୍ତି।

ଖବରରୁ ଜଣାପଡିଛି ମାଲକାନଗିରି କାଳିମେଳା ଓ ମୋଟୁ ଅଞ୍ଚଳର ପଥର ଖାଦାନ ପାଇଁ ଟେଣ୍ଡର କରାଯାଇଥିଲା। ମାତ୍ର ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ସରିବା ପରେ ଟେଣ୍ଡର ବାକ୍ସଗୁଡିକ ତତ୍କାଳୀନ ଜିଲାପାଳଙ୍କ ଆବାସିକ ଭବନକୁ ନିଆଯାଇଥିଲା। ସେହିପରି ଟେଣ୍ଡର ପାଇଁ ଦାଖଲ ହୋଇଥିବା ମୋଟୁ ତହସିଲର ସଲଭେନ୍ସି ସାର୍ଟିଫିକେଟ୍‌ରେ ତ୍ରୁଟି ଥିବା ବେଳେ ଏକତରଫା ଭାବେ ଜିଲା ପ୍ରଶାସନ ଭିଜି ଗ୍ରାନାଇଟକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ପଥର ଖାଦନ ଟେଣ୍ଡର ଦେଇଥିଲା। ଏନେଇ କଂଗ୍ରେସର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଅଭିଯୋଗ ଉଠାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ। ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତର ସହ ନେଇ ପୂର୍ବତନ ଜିଲାପାଳ ୱାଇ. ବିଜୟଙ୍କୁ ବଦଳି କରି ତାଙ୍କ ସ୍ଥାନରେ ନୂତନ ଭାବେ ବିଶାଲ ସିଂଙ୍କୁ ଜିଲାପାଳ ଭାବେ ଅବସ୍ଥାପିତ କରିଥିଲେ। ଏହାର ତଦନ୍ତ କରିବାକୁ ଜିଲାପାଳ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ରିପୋର୍ଟକୁ ଭିତ୍ତି କରି ଜିଲା ପ୍ରଶାସନ ପକ୍ଷରୁ ଭିଜି ଗ୍ରାନାଇଟ ସମେତ ଅନ୍ୟ ତିନିଜଣଙ୍କ ସଲଭେନ୍ସି ସାର୍ଟିଫିକେଟ୍‌କୁ ବାତିଲ କରାଯାଇଛି।

## ତୃତୀୟ ଲିଙ୍ଗୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହେଲେଣି ପଥଚାରୀ

ମାଲକାନଗିରି, ୮।୮(ଡି.ଏନ.ଏ.)

ତୃତୀୟ ଲିଙ୍ଗୀମାନଙ୍କ ପାଇଁ ରାଜ୍ୟ ସରକାର ମାସିକ ଭତ୍ତା ବ୍ୟବସ୍ଥା କରିବା ସହ ସେମାନଙ୍କୁ ନିଯୁକ୍ତି ସୁଯୋଗ ଦେଇଛନ୍ତି। ତେବେ ଏହାକୁ କେତେକେ ସଦୁପଯୋଗ ନ କରି ସେମାନଙ୍କ ସେହି ପାରମ୍ପରିକ ଚଳଣିକୁ ଆପଣାଇ ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ମାଲକାନଗିରି ଜିଲା ସଦର ମହକୁମାରେ ରାତି ୧୦ଟା ପରେ ସୁକୁମା ଛକ କେନାଲ ନିକଟରେ କେତେକ ତୃତୀୟ ଲିଙ୍ଗୀ ନିଶାସକ୍ତ ଅବସ୍ଥାରେ ରହି ଯାତାୟାତ କରୁଥିବା ଲୋକଙ୍କୁ ହଇରାଣ କରୁଛନ୍ତି। ସେମାନଙ୍କ ଗାଡି ଅଟକାଇ ଜବରଦସ୍ତ ଟଙ୍କା ମାଗିବା, ଚାରିପଟେ ଘେରି ତାଳି ମାରିବା, ଅଶ୍ଳୀଳ ଇଙ୍ଗିତ୍ କରୁଛନ୍ତି। ଟଙ୍କା ନ ଦେଲେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି । କେବଳ ସୁକୁମା ଛକ ନୁହେଁ ବାଲିମେଳା ରାସ୍ତା, ୩ ନମ୍ବର ଛକରେ ପ୍ରାୟ ରାତି ୧୦ଟା ପରେ ଏମାନେ ଦଳ ଦଳ ହୋଇ ସହରରେ ବୁଲୁଛନ୍ତି। ଦିନ ବେଳା ମଧ୍ୟ ମାଲକାନଗିରି-ମୋଟୁ ରାସ୍ତାର ଶିଖପାଲୀ ଛକ, ସିନ୍ଧ୍ରିମାଲା ଛକ, ସିମାଗୁଡି, ପଦ୍ମଗିରି ଛକରେ ଚାରିଚକିଆ ଓ ଦୁଇଚକିଆ ଅଟକାଇ ଅର୍ଥ ମାଗିବା ସେମାନଙ୍କ ନିତିଦିନିଆ ଘଟଣା ହେଲାଣି। ଏଥିସହ ବିଭିନ୍ନ ସାପ୍ତାହିକ ହାଟ, ବଜାରରେ ବ୍ୟବସାୟୀଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅନେକ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜିଲା ବାହାରୁ ମଧ୍ୟ ଅନେକ ତୃତୀୟ ଲିଙ୍ଗୀ ମାଲକାନଗିରି ସହରକୁ ଆସି ଘରଭଡା ନେଇ ରହି ଏପରି କାର୍ଯ୍ୟରେ ଲିପ୍ତ ରହିଛନ୍ତି। ଏସମ୍ପର୍କରେ ମାଲକାନଗିରି ଆଇଆଇସି ରାମ ପ୍ରସାଦ ନାଗଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗ ଆସିଲେ ଏପରି କାର୍ଯ୍ୟରେ ଯେଉଁମାନେ ଲିପ୍ତ ରହୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

## ୬ ଦିନ ବନ୍ଦ ରହିବ ରାଜ୍ୟରାଣୀ ଏକ୍ସପ୍ରେସ

ଗୁଣପୁର, ୮।୮(ଡି.ଏନ୍.ଏ.)

ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍ ୬ଦିନ ପାଇଁ ଚଳାଚଳ ବନ୍ଦ ରହିବ ବୋଲି ଜଣାପଡ଼ିଛି। ପୂର୍ବତଟ ରେଳପଥ ପକ୍ଷରୁ ଏ ନେଇ ଶନିବାର ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଜଣାପଡ଼ିଛି। ରାଉରକେଲାରୁ ବାହାରିବାକୁ ଥିବା ସପ୍ତାହର ତିନି ଦିନ ଅର୍ଥାତ୍ ୮, ୧୦, ୧୨ ଏବଂ ୧୫, ୧୭, ୧୯ ଏହିପରି ୬ ଦିନ ଟ୍ରେନ୍ ଚଳାଚଳ ବନ୍ଦ ରହିବ। ସେହିଭଳି ଗୁଣପୁରରୁ ବାହାରିବାକୁ ଥିବା ୯, ୧୧, ୧୩ ଏବଂ ୧୬, ୧୮, ୨୦ ତାରିଖରେ ଉଭୟ ପଟୁ ଟ୍ରେନ ଚଳାଚଳ ବନ୍ଦ ରହିବ ବୋଲି ସୂଚନା ମିଳିଛି। ସମ୍ବଲପୁରଠାରେ ରେଳ ରାସ୍ତାର ମରାମତି ପାଇଁ ରାଜ୍ୟରାଣୀ ଟ୍ରେନ୍ ବନ୍ଦ ରହିବ ବୋଲି ସୂଚନା ମିଳିଛି। ସେହିପରି ୯ ତାରିଖରେ ଗୁଣପୁର-ବିଶାଖାପାଟଣା ଟ୍ରେନ୍ ଉଭୟ ପଟୁ ବନ୍ଦ ରହିବ ବୋଲି ଜଣାପଡ଼ିଛି।

## ଜିଲା ଶିକ୍ଷକ ସଂଘର ବୈଠକ, ସମ୍ବର୍ଦ୍ଧନା ସଭା


ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ ।

କୋରାପୁଟ, ୮।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଜିଲା ଶିକ୍ଷକ ଭବନଠାରେ ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘର ରବିବାର ଏକ ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଶିକ୍ଷକ କ୍ରିଷ୍ଣା ମୋହନ ରାଓ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲା ଶିକ୍ଷକ ସଂଘର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ଖୁବ୍‌ଶୀଘ୍ର ନୂତନ କର୍ମକର୍ତ୍ତା ଚୟନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପରେ ଜିଲା ଶିକ୍ଷକ ସଂଘର ସୁରେନ୍ଦ୍ର କୁଲଦୀପ, ରାଜେନ୍ଦ୍ର ସାହୁ, ଗୋପାଳ ମିଶ୍ର, ଚିତ୍ତରଞ୍ଜନ ରଥ, ଦେବୀ ପ୍ରସାଦ ଦାସ, ଧନେଶ୍ୱର କାଣ୍ଡି,ନୟନ ବିଶୋୟୀ, ତ୍ରିନାଥ ହରିଜନ ଓ ଗଜନି ଶେଖରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିନାୟକ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷକ ଅନିଲ ଦେବତା ଧନ୍ୟବାଦ ଦେଇଥିଲେ। ସଂଘ କର୍ମକର୍ତ୍ତା ତ୍ରିନାଥ ପଣ୍ଡା, ଅନିଲ ସିରିକା, ଦେବୀ ପ୍ରସାଦ ମହାନ୍ତି ଅର୍ଜୁନ ଆର୍ଲବସ ସହଯୋଗ କରିଥିଲେ ।

# ୧୬ ବର୍ଷରୁ କମ୍ କ୍ରିକେଟ ଦଳ ଚୟନ


ଚୟନ ହୋଇଥିବା ଖେଳାଳି।

ଜୟପୁର, ୮।୮ (ନି.ପ୍ର.)

ଓଡ଼ିଶା କ୍ରିକେଟ ଆସୋସିଏଶନ ୧୬ ବର୍ଷରୁ କମ ପ୍ରାଥମିକ ଲିଗ୍ ପାଇଁ କୋରାପୁଟ ଦଳ ଚୟନ ହୋଇଛି। କୋଭିଡ୍ ନିୟମ ଅନୁଯାୟୀ ଖେଳାଳିମାନଙ୍କୁ ଚୟନ କରାଯାଇଛି। ଏହି ଦଳ ଆସନ୍ତା ୧୨ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ମ୍ୟାଚ ଖେଳିବେ । ଏହି ଚୟନ ପ୍ରକ୍ରିୟାରେ ବାବୁଲା ରାଉତ, ବାପି ପରିଡା, ବଳରାମ ପାଣିଗ୍ରାହୀ, ୟୁ.ପ୍ରସାଦ ସାମିଲ ହୋଇଥିଲେ। ଜିଲା କ୍ରୀଡା ସଂଘର ଅନୁପ ପାତ୍ର, ଉପଖଣ୍ଡ କ୍ରୀଡା ସଂଘର ରବି ନାୟକ, ଅମ୍ପାୟର ଅସିତ ପଟ୍ଟନାୟକ ଏବଂ ଜ. କଟେଶ୍ୱର, ଉପେନ୍ଦ୍ର ମହାରଣା ଦାୟିତ୍ୱ ତୁଲାଇଥିଲେ । ଚୟନ ହୋଇଥିବା ଖେଳାଳିମାନେ ହେଲେ କ୍ୟାପଟେନ ପ୍ରିୟଦର୍ଶୀ ଦେବାଶିଷ ସାହୁ, ଭାଇସ୍ କ୍ୟାପଟେନ ଆଦିତ୍ୟ ଭାଜପାଇ, ଶିବାଶିଷ ବେହେରା, ଶୁଭମ ହାଲନ, ଜ୍ୟୋତିର୍ମୟ ମହନ୍ତ, ଶ୍ରୀକାନ୍ତ ବିଶ୍ୱାଳ, ଦିବ୍ୟାଂଶ ଲେଙ୍କା, ପ୍ରିୟଦର୍ଶୀ ସାହୁ, ପ୍ରଥମେଶ ତ୍ରିପାଠୀ, ଆୟୁଷ ରଞ୍ଜନ ସାହୁ, ପାର୍ଥସାରଥି ଲେଙ୍କା, ଚିନ୍ମୟ ମହାରଣା, ଆଦର୍ଶ ଛଟେଇ, ମୁଦୁଲି ଶୈଳେଶ, ଶ୍ରୀୟାଂଶ ଶାହା, ଲିବିୟା ଦିଶାରି, ଅର୍ଜୁନ ରାଉତ, ଦ୍ରୁବ ଦୋରା, ଅରକ୍ଷିତ ଦାଲ, ଆଦିତ୍ୟ ପାତ୍ର। ମ୍ୟାନେଜର ଭାବେ ବୀରେନ ମହାନ୍ତି ଦାୟିତ୍ୱରେ ରହିଛନ୍ତି ।

# ମା’ପୁଅଙ୍କୁ ମାଡ଼ ମାରିଲେ ଯୁବକ

ଏମ୍‌ଭି-୭୯,୮।୮(ଡି.ଏନ.ଏ.)

- ଏତଲା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସ
- ୩ଦିନ ଚେତନାଶୂନ୍ୟ ହୋଇ ପଡିରହିଲେ ଗୋବିନ୍ଦ
- ଘଟଣା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

ବ୍ୟକ୍ତିଗତ କଥାକୁ ନେଇ ୫ ଦିନ ତଳେ ଗଣ୍ଡଗୋଳ ଘଟିଛି ମାଲକାନଗିରି ଜିଲା କାଳିମେଳା ବ୍ଲକ ମୋଟୁ ଥାନା ଅନ୍ତର୍ଗତ ଏମପିଭି-୪୭ ଗ୍ରାମରେ। ଦୁଇପକ୍ଷ ମଧ୍ୟରେ ହୋଇଥିବା ଏହି ଗଣ୍ଡଗୋଳରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି।

ଖବରରୁ ଜଣାପଡିଛି ଗତ ୪ ତାରିଖରେ କୌଣସି ଏକ ବ୍ୟକ୍ତିଗତ ବିଷୟକୁ ନେଇ ଏହି ଗ୍ରାମର ସରସ୍ୱତୀ ବାର୍‌ଙ୍କ ପୁଅ ଗୋବିନ୍ଦ ବାର୍ (୨୩)ଙ୍କୁ ସେହି ଗ୍ରାମର ଅରବିନ୍ଦ ବିଶ୍ୱାସଙ୍କ ପୁଅ ବିଶଜିତ ବିଶ୍ୱାସ ମାଡ଼ ମାରିବା ସହ ଏକ ବାଡିରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଗୋବିନ୍ଦ ସେଠାରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ଏହି ଖବର ପାଇ ଗୋବିନ୍ଦଙ୍କ ମା’ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମଧ ବିଶ୍ୱଜିତ ମାଡ଼ ମାରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇ ସେ ଆହତ ହୋଇଥିଲେ। ଘଟଣା ପରେ ଏମ୍‌ପିଭି-୪୭ ଗ୍ରାମର କେତେକ ବ୍ୟକ୍ତି ଗୋବିନ୍ଦ ଏବଂ ତାଙ୍କ ମାଆଙ୍କୁ ଏମଭି-୭୯ ଚିକିତ୍ସାଳୟ ଆଣିଥିଲେ। ସେଠାରେ ସରସ୍ୱତୀଙ୍କ ଚିକିତ୍ସା କରାଯାଇଥିଲା। ମାତ୍ର ପୁଅ ଗୋବିନ୍ଦଙ୍କ ଅବସ୍ଥା ଜଟିଳ ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚେତନା ଶୂନ୍ୟ ଅବସ୍ଥାରେ ଗୋବିନ୍ଦଙ୍କ ଚିକିତ୍ସା ଜାରି ରହିଥିଲା। ଶନିବାର ସେ ଚେତା ଫେରି ପାଇଥିଲେ। ଏବେ ସେ ପଦେ ଦୁଇ ପଦ କଥାବାର୍ତ୍ତା କରୁଛନ୍ତି। ଠିକ ଭାବେ ବସିପାରୁନାହାନ୍ତି। ଅନ୍ୟପକ୍ଷରେ ଏହି ଘଟଣା ନେଇ ୪ଦିନ ହେଲା ଗୋବିନ୍ଦଙ୍କ ପରିବାର ଲୋକେ ଏମଭି-୭୯ ଥାନାରେ ଏତଲା ଦେଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ବିଷୟରେ ମୋଟୁ ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ଏମ୍‌ପିଭି ୪୭ ଗ୍ରାମରୁ ଏପରି ଏତଲା ମିଳିଛି। ଏବେ ତ ହୋଇଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ହାଲୁକା ଭାବରେ କହିଥିଲେ। ଘଟଣାକୁ ନେଇ ଗ୍ରାମବାସୀ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୫ ଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

## ଆବାସ ଯୋଜନାରୁ ବଞ୍ଚିତ ଟାମକିଆଗୁଡ଼ାବାସୀ

ଦଶମନ୍ତପୁର, ୮।୮( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତ ଅଧୀନ ଟାମକିଆଗୁଡ଼ା ଗ୍ରାମର ଜଣେ ହେଲେ କାହାକୁ ମଧ ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ୫ ବର୍ଷ ମଧରେ ଗ୍ରାମର କୌଣସି ପରିବାର ଏହି ଯୋଜନାରୁ ସୁଫଳ ପାଇନାହାନ୍ତି। ପ୍ରଶାସନର ଆନ୍ତରିକତା ଅଭାବରୁ ଆମେ ପକ୍କା ଘର ଯୋଜନାରୁ ବଞ୍ଚିତ ହୋଇ ରହିଛୁ ବୋଲି ଗ୍ରାମର ଲବ ମେଲେକା, ସମାରୁ ମେଲେକା, ସୁନ୍ଦୁରୁ ମେଲେକା, ଫୁଲମେ ସାଉନ୍ତା ପ୍ରମୁଖ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁସାରେ ପ୍ରତିବର୍ଷ ପଲ୍ଲିସଭା ଓ ଗ୍ରାମ ସଭାରେ ସେମାନଙ୍କୁ ଆବାସ ଘର ଯୋଗାଇ ଦେବା ନେଇ ନାମ ପଞ୍ଜୀକରଣ କରି ପ୍ରସ୍ତାବ ଆଗତ ହେଉଛି। ମାତ୍ର ପରବର୍ତ୍ତୀ ସମୟରେ ଏଥିରୁ କିଛି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଭଙ୍ଗା ଦଦରା ଆଜବେଷ୍ଟସ ପଡ଼ିଥିବା ଘରେ ବର୍ଷ ତମାମ ଖରା ବର୍ଷାରେ ସେମାନେ ଚଳି ଆସୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସେମାନଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ପଞ୍ଚାୟତର ପିଇଓଙ୍କୁ ଗ୍ରାମକୁ ପଠାଇ ତଦନ୍ତ କରି କିଛି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଗ୍ରାମରେ ୩୦ ପରିବାର ଆଦିବାସୀ କନ୍ଧ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଗରିବ ଶ୍ରେଣୀର ଏହି ଲୋକଙ୍କ ମୁଖ୍ୟ ଜୀବିକା ହେଲା ପୋଡୁଚାଷ। ଚାଷ କାର୍ଯ୍ୟ ଶେଷ ହେବା ପରେ ଗ୍ରାମବାସୀ ମୂଳ ଲାଗି କୁଲି କାମ କରି ଚଳନ୍ତି। ଗ୍ରାମର ଯୁବକମାନେ ପ୍ରତିବର୍ଷ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ କୁଲି କାମ କରିବାକୁ ଯାଇଥାନ୍ତି। ନିଜ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ମିଳୁଥିଲେ ମଧ ଠିକ୍ ସମୟରେ ମଜୁରି ଟଙ୍କା ମିଳୁନାହିଁ। ଫଳରେ ଏହା ସେମାନଙ୍କୁ ଗ୍ରାମ ଛାଡି ବାହାର ରାଜ୍ୟକୁ ଯିବାକୁ ବାଧ କରୁଛି। ଏଭଳି ଗରିବ ଲୋକଙ୍କୁ ପ୍ରଶାସନ ଏଯାଏ ଆବାସ ଯୋଜନାରେ ଘର ଯୋଗାଇ ଦେଇନାହିଁ।

# ବୁଲା ଗୋରୁଙ୍କ କବ୍‌ଜାରେ ରାଜପଥ

ସୁନାବେଡ଼ା/ସେମିଳିଗୁଡ଼ା, ୮।୮(ସ୍ୱ.ପ୍ର.)


ଜାତୀୟ ରାଜପଥରେ ରାସ୍ତା ଅବରୋଧ କରି ବୁଲୁଥିବା ଗୋରୁ।

- ବେଧଡ଼କ ହୋଇ ଗୋରୁ ମାଲିକ ବସୁଛନ୍ତି ଘରେ
- ସହରର ୮ ରାସ୍ତାରେ ଯାତାୟାତ କରିବା ହେଉଛି କଷ୍ଟକର
- ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଉନି ପ୍ରଶାସନ

ସୁନାବେଡ଼ା ଓ ସେମିଳିଗୁଡ଼ା ସହର ମଧ ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ। ଏହାର ଉଭୟ ପାର୍ଶ୍ୱରେ ଦୋକାନବଜାର ଗଢ଼ିଉଠିଥିବାରୁ ସାଧାରଣତଃ ସକାଳୁ ରାତି ୧୦ଟାଯାଏ ଗହଳି ଲାଗି ରହିଥାଏ। ଏବେ ଏହି ରାଜପଥ ଗୋରୁଙ୍କ କବ୍‌ଜାରେ ରହୁଛି। ଉକ୍ତ ରାସ୍ତାରେ ଅବାଧରେ ଗୋରୁ ବୁଲି ଅନେକ ସମୟରେ ଭିଡ଼ କରୁଛନ୍ତି। ଏଥିଯୋଗୁ ଟ୍ରାଫିକ ସମସ୍ୟା ମଧ ସୃଷ୍ଟି ହେଉଛି। ଗୋରୁଙ୍କ ଯୋଗୁ ପ୍ରତ୍ୟହ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ସୁନାବେଡ଼ା-୧ ବସଷ୍ଟାଣ୍ଡ ଛକ, ପୌର ପରିଷଦ କାର୍ଯ୍ୟାଳୟର ସମ୍ମୁଖ ରାସ୍ତା, ଭାଲୁ ପାହାଡ଼ ନିକଟସ୍ଥ ରାସ୍ତା, ସେମିଳିଗଡ଼ା ଭେଣ୍ଡିଂ ଜୋନ ରାସ୍ତା, ଧନରାଗିଣୀ ମନ୍ଦିର ରାସ୍ତା, ସେମିଳିଗୁଡା କଲେଜ ରୋଡ୍, ଓସିସି ନଗର ରାସ୍ତା, ପୁରୁଣା ହାଟ ରାସ୍ତାରେ ଏହି ଗୋରୁ ପଲପଲ ହୋଇ ବଲୁଥିବା ଦେଖାଯାଉଛି। ସେମାନଙ୍କ ପାଇଁ ଘଣ୍ଟା ଘଣ୍ଟା ଧରି ରାସ୍ତା ଅବରୋଧ ହେଉଛି। ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଯାତାୟାତରେ ବାଧା ଉପୁଜି ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗୋରୁ ମାଲିକମାନେ ଗାଈଠାରୁ କ୍ଷୀର ପାଇ ସେମାନଙ୍କୁ ବାହାରେ ଛାଡ଼ି ନୀରବରେ ଘରେ ବସୁଛନ୍ତି। ଏଥିପ୍ରତି ପୋଲିସ ଓ ପୌର ପ୍ରଶାସନ ମଧ ଗୁରୁତ୍ୱ ଦେଉନାହିଁ। ପୂର୍ବରୁ ଗୋରୁ, ମଇଁଷି ଆଦି ବାହାରେ ବୁଲିଲେ ଏହାକୁ କାଞ୍ଜିଆହୁଦାକୁ ନିଆଯାଉଥିଲା। ମାଲିକମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇ ଗୋରୁଙ୍କୁ ଛଡ଼ା ଯାଉଥିଲା। ଫଳରେ ଗୋରୁ ମାଲିକମାନେ ନିଜ ଗୃହପାଳିତ ଗୋରୁଙ୍କୁ ବାହାରକୁ ଛାଡୁ ନ ଥିଲେ। ବର୍ତ୍ତମାନ ସ୍ଥିତିରେ କାଞ୍ଜିଆହୁଦା ପରମ୍ପରା ଆଉ ଦେଖିବାକୁ ମିଳୁନି। ଏହା ଗୋରୁ ମାଲିକଙ୍କୁ ବେଶ୍ ସୁହାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

